## ମାଙ୍କଡ଼ ଆକ୍ରମଣରେ ୪ ଆହତ

**ପଟ୍ଟାମୁଣ୍ଡାଇ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତରେ ମାଙ୍କଡ ଉପଦ୍ରବ ଦେଖିବାକୁ ମିଳିଛି। ମାଙ୍କଡମାନଙ୍କ ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ବାଡିବଗିଚାରେ ମାଙ୍କଡ ପଶି ପନିପରିବା ସହ ବିଭିନ୍ନ ଫସଲ ନଷ୍ଟ କରୁଥିବା ଦେଖାଯାଇଛି। ଅଳପୁଆ ଗାଁର କଳ୍ପନା ସେଠୀ, ବନବିହାରୀ ଦାସ, ବାରବର ବିଶ୍ୱାଳ, ଶ୍ରୀଧର ବିଶ୍ୱାଳ ମାଙ୍କଡ ଆକ୍ରମଣରେ ଆହତ ହୋଇଥିବା ଜଣାପଡିଛି। ଆହତମାନେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ରାଜନଗର ବନଖଣ୍ଡ ଅଧିକାରୀ ତୁରନ୍ତ ମାଙ୍କଡଙ୍କୁ ଧରିବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଜମିବାଡ଼ି ବିବାଦରୁ ସଂଘର୍ଷ: ୫ ଆହତ, ୪ ଗିରଫ

**କୁଜଙ୍ଗ,୧୭।୨(ଡି.ଏନ.ଏ.):** କୁଜଙ୍ଗ ଥାନା ଅନ୍ତର୍ଗତ ଗଣ୍ଡକିପୁର ଗାଁରେ ମଥୁରୀ ସାହୁ ଓ ଦୀପକ ରଞ୍ଜନ ସାହୁଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସଂଘର୍ଷ ଘଟି ୫ଜଣ ବୁଧବାର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି। ମଥୁରୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୬୦/୨୧ରେ ମାମଲା ରୁଜୁ କରି ଦୀପକ ଓ ଆଲୋକ ସାହୁଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଦୀପକଙ୍କ ସ୍ତ୍ରୀ ବିଜୟାଲକ୍ଷ୍ମୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୬୧/୨୧ରେ ମାମଲା ରୁଜୁ କରି ମଥୁରୀ ଓ ସନ୍ତୋଷ ସାହୁଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ଉଭୟପକ୍ଷଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଗିରଫ କରି କୋର୍ଟଚାଲଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଧନେଶ୍ୱର ବେହେରା କହିଛନ୍ତି। କୁଜଙ୍ଗ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### କ୍ରିକେଟ୍, ଫାଇନାଲରେ ଭୁବନେଶ୍ୱରର ସାଇ ଇଲେଭେନ୍

**ତିର୍ତ୍ତୋଲ,୧୭।୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ଖେଳପଡ଼ିଆରେ ପ୍ରଥମ ସେମିଫାଇନାଲ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାଇ ଇଲେଭେନ୍ ଭୁବନେଶ୍ୱର ଓ ଡାଇମଣ୍ଡ କ୍ରିକେଟ୍ ଟିମ୍ ପାରାଦୀପ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ଡାଇମଣ୍ଡ କ୍ରିକେଟ୍ ଟିମ୍ ପାରାଦୀପ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ୍ ସଂଗ୍ରହ କରିଥିଲା। ଭୁବନେଶ୍ୱରର ସାଇ ଇଲେଭେନ୍ ୧୫ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା। ହାଡ଼ିବନ୍ଧୁ ଦାସ ଓ ଚନ୍ଦ୍ରଜିତ୍ ଚୌଧୁରୀ ଖେଳ ପରିଚାଳନା କରିଥିଲେ।

### ୨ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ବିରିଡି,୧୭।୨(ଡି.ଏନ.ଏ):** ବିରିଡ଼ି ବ୍ଲକ ଶଢ଼େଇଶାସନ ପଞ୍ଚାୟତ ତାଞ୍ଚଣାବ୍ରହ୍ମପୁରଠାରେ ବସୁଧା ଯୋଜନାରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଉଚ୍ଚ ପାଣିଟାଙ୍କି ଓ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ବୁଧବାର ଶିଳାନ୍ୟାସ କରିଛନ୍ତି। ଏହାର ବ୍ୟୟ ଅଟକଳ ୭୨ ଲକ୍ଷ ୨୮ ହଜାର ରହିଛି। ବ୍ଲକ ଅଧ୍ୟକ୍ଷ ପଦ୍ମଲାଭ ଭୋଇ, ବିଡିଓ ହେମନ୍ତ କୁମାର ମହାନ୍ତ, ଜିଲା ପରିଷଦ ସଭ୍ୟା ଲତାମଣି ଦାସ, ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ଅମିତ ରାଉଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ଦାସ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ ଉପସ୍ଥିତ ଥିଲେ। ପରେ ବିଧାୟକ ଦାସ ବଡ଼ଖଣ୍ଡେଇତା ପଞ୍ଚାୟତ ଗୋବିନ୍ଦପୁରରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଉଚ୍ଚ ପାଣିଟାଙ୍କି ଓ ପାନୀୟ ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହାର ବ୍ୟୟ ଅଟକଳ ୫୩ ଲକ୍ଷ ୩୮ ହଜାର ରହିଛି। ବିଧାୟକଙ୍କ ସହ ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ବାବୁଲି ଚରଣ ସ୍ୱାଇଁ, ସୁନୀତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ନିଜ ଗାଡ଼ିରେ ଡାକ୍ତରଖାନା ନେଲେ ଏସ୍‌ପି

**ପଟ୍ଟାମୁଣ୍ଡାଇ,୧୭।୨(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଏସ୍‌ପି ସନ୍ଦୀପ ମଡକର ସମ୍ବେଦ ମାନବିକତା ପ୍ରଦର୍ଶନ କରି ଦୁର୍ଘଟଣାରେ ଗୁରୁତର ଯୁବକଙ୍କୁ ନିଜ ଗାଡିରେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇ ଜୀବନ ବଞ୍ଚାଇଛନ୍ତି। ତାଙ୍କର ଏହି ମହନୀୟତା କାମ ପାଇଁ ଜିଲାର ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯାଉଛି। ଏସ୍‌ପି ସମ୍ବେଦ ମଙ୍ଗଳବାର ଅପରାହ୍ନରେ ତନ୍ତିଆପାଳ ଗସ୍ତରେ ଯାଉଥିଲେ। କାଠିଆପଡା ରାସ୍ତାରେ ବାଇକ୍ ଚଳାଉଥିବା ମନୋରଞ୍ଜନ ନାଥ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ଅସାବଧାନତା ବଶତଃ ପିଟି ଦେଇଥିଲେ। ସେ ଗୁରୁତର ଅବସ୍ଥାରେ ପଡିଥିଲେ। ରାସ୍ତା ଦେଇ ଯାଉଥିବା ଏସ୍‌ପି ଗାଡି ଅଟକାଇ ନାଥଙ୍କୁ ରାସ୍ତାରୁ ଉଠାଇ ନିଜ ଗାଡିରେ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲକୁ ନେଇ ଆସିଥିଲେ।

### ଭାଗବତ ଟୁଙ୍ଗି ଜଳିଗଲା

**କୁଜଙ୍ଗ,୧୭।୨(ଡି.ଏ.ଏ.):** କୁଜଙ୍ଗ ଥାନା କରତୁଠ ଗାଁର ଭାଗବତ ଟୁଙ୍ଗି ମଙ୍ଗଳବାର ବିଳମ୍ବିତ ରାତିରେ ଜଳିଯାଇଛି। ଏହି ଘରର ସମସ୍ତ ପୁସ୍ତକ, ଠାକୁରଙ୍କ ବିମାନ ସହ ବହୁ ମୂଲ୍ୟବାନ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଏହି ନେଇ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ରାତିରେ କୁଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଭାଗବତ ଟୁଙ୍ଗି ସହ ଅନ୍ୟ ଏକ ପାଇକଆଖଡା ଘର ମଧ୍ୟ ଜଳିଯାଇଛି।

# ଅର୍ଥକରୀ ଫସଲ ଆଖୁଚାଷ କମୁଛି

**କେନ୍ଦ୍ରାପଡ଼ା ଅଫିସ, ୧୭।୨**


ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକ ଜମିରୁ ଆଖୁକୁ ଟ୍ରକ ଯୋଗେ ନିଆଯାଉଛି।

**ଜିଲାରେ କୃଷି ବିପର୍ଯ୍ୟସ୍ତ**
- ନଦୀ ସଂଯୋଗୀକରଣ କେନାଲ ଆବଶ୍ୟକ
- ଜଳ ପରିଚାଳନା, ମଣ୍ଡି ଅଭାବ

କେନ୍ଦ୍ରାପଡ଼ା ଜିଲାର ୭୦ ପ୍ରତିଶତ ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ଦୀର୍ଘଦିନ ଧରି ହେଉନାହିଁ। ଆଖୁ ଚାଷ ତଳମୁହାଁ ହୋଇଛି। ସେହିପରି ଝୋଟ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଗବେଷଣା କେନ୍ଦ୍ର ଏବେ ଅକାମୀ ହୋଇଛି। ହରଡ, ସୂର୍ଯ୍ୟମୁଖୀଠାରୁ ଆରମ୍ଭ କରି ବହୁ ଅର୍ଥକରୀ ଫସଲ ଉତ୍ପାଦନ, ବିକ୍ରି ପାଇଁ ଜଳ ପରିଚାଳନା ଓ ମଣ୍ଡିର ଅଭାବ ଦେଖାଦେଇଛି। ଉନ୍ନତ ଜ୍ଞାନକୌଶଳ ପ୍ରଦାନ ସହ ଉପାନ୍ତ ଅଞ୍ଚଳରେ ଥିବା ନଦୀଗୁଡିକ ସଂଯୋଗୀକରଣ ପାଇଁ ଏକ ବୃହତ୍ କେନାଲର ଆବଶ୍ୟକତା ଥିବା ବୁଦ୍ଧିଜୀବୀ ମତ ଦେଇଛନ୍ତି।

ପଟ୍ଟାମୁଣ୍ଡାଇର ଆଖୁଚାଷୀ ଅକ୍ଷୟ ବେହେରା କହିଛନ୍ତି, ଗରଦପୁର, ମାର୍ଶାଘାଇ, ଡେରାବିଶ, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ବ୍ଲକ ଅଞ୍ଚଳର ଚାଷୀ ୧୦ ବର୍ଷ ପୂର୍ବେ ଆଖୁଚାଷକୁ ପ୍ରାଧାନ୍ୟ ଦେଉଥିଲେ। ୧୫ ହଜାରରୁ ଉର୍ଦ୍ଧ୍ୱ ହେକ୍ଟରରେ ଆଖୁ ଚାଷ ହେଉଥିଲା। ନିକଟସ୍ଥ କୃଷ୍ଣଦାସପୁରରେ ଆଖୁ ମିଲ୍ ହୋଇଥିଲା। ମିଲ୍ ବନ୍ଦ ହେବା ପରେ ଜମିକୁ ଜଳସେଚନ ନ ହେବାରୁ ଏହି ଚାଷକୁ ନଷ୍ଟ କରିଛି। ବଜାର ଅଭାବରୁ ମାତ୍ର ହଜାର ହେକ୍ଟରରେ ଏବେ ଆଖୁ ଚାଷ ହେଉଛି। କେନ୍ଦ୍ରାପଡ଼ା ବ୍ଲକ କଂସାର ଗାଁର ଚାଷୀ ନିରଞ୍ଜନ ପରିଡା କହିଛନ୍ତି, ଚାଷ କରି ସାମ୍ପ୍ରତିକ ସମୟରେ ପରିବାର ପ୍ରତିପୋଷଣ କରିବା ବଡ କଷ୍ଟକର। ୧୫ ଏକର ଜମିରେ ହରଡ ଓ ସୂର୍ଯ୍ୟମୁଖୀ ଚାଷ ହେଉଥିଲା। ଚଳିତବର୍ଷ ଶ୍ରମିକ ମଜୁରି, ଜଳ ଯୋଗାଣ ଆଦି ଅସୁବିଧା ଯୋଗୁ ଜମି ପଡିଆ ରହିବ। ବଜାରରେ ଉପଯୁକ୍ତ ମୂଲ୍ୟ ନ ମିଳିବାରୁ ବାଧ୍ୟ ହୋଇ ଦୁଇପୁଅ କର୍ମନିଯୁକ୍ତି ପାଇଁ ସୁରଟ୍ ଯାଇଛନ୍ତି। କୃଷକ ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଓ ରାଜ୍ୟ ସରକାରଙ୍କ କୃଷି ପ୍ରତି ବିଶେଷ ଧ୍ୟାନ ଦେବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉନାହିଁ। ୨୫ବର୍ଷ ଧରି କେନାଲ ଖନନ ହୋଇନାହିଁ। ଖରିଫ ଧାନ ଚାଷ ସମୟରେ ଜଳ ନିଷ୍କାସନରେ ସମସ୍ୟା ହେଉଛି। ରାଜ୍ୟରେ ପ୍ରତିବର୍ଷ ୨.୨୧ ଲକ୍ଷ ମେଟ୍ରିକ ଟନ ଚିନି ଆବଶ୍ୟକତା ଅଛି। ଏଥିପାଇଁ ଆଖୁଚାଷକୁ ପ୍ରୋତ୍ସାହନ ମିଳିବା କଥା। ଜିଲାରେ ଏହି ଚାଷ ଏବେ ତଳମୁହାଁ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଚିନିକଳକୁ ବନ୍ଦ କରାଯାଉଛି। ଉପଯୁକ୍ତ ବଜାର, ମଣ୍ଡି ନ ହେଲେ ଚାଷୀ କ୍ଷତି ସହିବ। ବୁଦ୍ଧିଜୀବୀ ମୀର ଅବୁ ଓବେଦା କହିଛନ୍ତି, ଜିଲା ପାଇଁ ଜଳ ପରିଚାଳନା ବଡ ସମସ୍ୟା। ଏହାର ସମାଧାନ ପାଇଁ ଉପାନ୍ତରେ ଥିବା ନଦୀର ସଂଯୋଗୀକରଣ କେନାଲ ଆବଶ୍ୟକ। ବନ୍ୟା ସମୟରେ ଏହାକୁ ସୁପରିଚାଳନା ସହ ଖେତକୁ ଜଳସେଚନ ହୋଇପାରିବ। ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ର କହିଛନ୍ତି, ଜିଲା ପ୍ରାକୃତିକ ବିପର୍ଯ୍ୟୟ ଜୋନରେ ରହିଛି। ଜିଲାରେ ଚାଷ ପାଇଁ ଉପଯୁକ୍ତ ବର୍ଷା ହେଉଥିଲେ ମଧ୍ୟ ୪ ପ୍ରକାର ମାଟି ଅଛି। ଏହାକୁ ଭିତ୍ତିକରି ସମନ୍ୱିତ ଚାଷକୁ ଗୁରୁତ୍ୱ ଦିଆଯାଇଛି। ମାଛଚାଷ, ପନିପରିବା, ଛେଳି, କୁକୁଡା ପାର୍ମ, ଛତୁ, ହଳଦୀ ଓ ଔଷଧୀୟ ବୃକ୍ଷ ଜିଲାର ଅର୍ଥନୀତି କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବ ବୋଲି ସେ ମତ ଦେଇଛନ୍ତି। ଜିଲା କୃଷି ଅଧିକାରୀ ଅଶୋକ ମହାସୁଆର କହିଛନ୍ତି, ଉନ୍ନତ ବୈଷୟିକ ଜ୍ଞାନକୌଶଳର ତାଲିମ କାର୍ଯ୍ୟକ୍ରମ ଚାଲିଛି। ବଜାର ମଣ୍ଡି ପାଇଁ ଆଖୁ ପରି ଅର୍ଥକରୀ ଫସଲ ଉତ୍ପାଦନ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଥିବା ସେ ପ୍ରକାଶ କରିଛନ୍ତି।

## ଶେଷ ଦିବସରେ ବାଇକ୍ ଶୋଭାଯାତ୍ରା



ବାଇକ୍ ଶୋଭାଯାତ୍ରାକୁ ଏସ୍‌ପି ଉଦ୍‌ଘାଟନ କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ, ୧୭।୨**

**ସଡ଼କ ସୁରକ୍ଷା ସଚେତନତା**

ଜାନୁୟାରୀ ୧୮ରୁ ଜଗତ୍‌ସିଂହପୁର ଜିଲାରେ ଆରମ୍ଭ ହୋଇଥିବା ସଡ଼କ ସୁରକ୍ଷା ସଚେତନତା ମାସ ପାଳନର ଶେଷ ଦିବସରେ ବୁଧବାର ବାଇକ୍ ଶୋଭଯାତ୍ରା ହୋଇଯାଇଛି। ଏହାକୁ ଏସ୍‌ପି ପ୍ରକାଶ ଆର୍ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ଏସ୍‌ପିଙ୍କ କାର୍ଯ୍ୟାଳୟରୁ ବାହାରି ତିର୍ତ୍ତୋଲ ଥାନା, ରଘୁନାଥପୁର ଓ ଗାନ୍ଧି ଛକ ଦେଇ ପୁଣି କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ୩୦ ଜଣ ପୋଲିସ ଓ ହୋଣ୍ଡା ଶୋ' ରୁମ୍ ଆଦିର କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ସମୟରେ ସଡ଼କ ସୁରକ୍ଷାର ବିଭିନ୍ନ ବାର୍ତ୍ତା ଦିଆଯାଇଥିଲା। ବାଇକ୍ ଚଳାଇବା ବେଳେ ହେଲ୍‌ମେଟ୍ ପିନ୍ଧିବା, ମୋବାଇଲ ବ୍ୟବହାର ନ କରିବା, ଦ୍ରୁତଗତିରେ ବାଇକ୍ ନ ଚଳାଇବା ଆଦି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଶୋଭାଯାତ୍ରାରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ କୁମାର ପଣ୍ଡା, ଟ୍ରାଫିକ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ଡିଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଆଇଆଇସି ରଜନୀକାନ୍ତ ମିଶ୍ର ଓ ସର୍ଜେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

## ପିପିଟି ବିଦ୍ୟୁତ୍ ସେବା ଆପ୍ ଲୋକାର୍ପିତ




**ପାରାଦୀପ ୧୭।୨(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବୁଧବାର ଏକ ନୂଆ ଆପ୍ ଲୋକାର୍ପିତ କରାଯାଇଛି। ଏହାର ନାମକରଣ ପିପିଟି ବିଦ୍ୟୁତ୍ ସେବା ମୋବାଇଲ ଆପ୍ କରାଯାଇଛି। ଏହି ଆପ୍ ଜରିଆରେ ଉପଭୋକ୍ତା ନିଜର ବିଦ୍ୟୁତ୍ ସଂଯୋଗଠାରୁ ଆରମ୍ଭ କରି ବ୍ୟବହାର ବିଲ୍ ଆଦି ସମ୍ପର୍କରେ ସୂଚନା ପାଇପାରିବେ। ଏହାକୁ ବନ୍ଦର ଉପାଧ୍ୟକ୍ଷ ଏ. କେ. ବୋଷ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏମ୍‌ଇ ସରୋଜ କୁମାର ଦାସ, ଚରଣଜିତ୍ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ମିଲର ଆସୁନାହାନ୍ତି, ଟୋକନ ଧରି ବସିଛନ୍ତି ଚାଷୀ

**ବିରିଡି,୧୭।୨(ଡି.ଏନ.ଏ.)**

**ବିରିଡି ପଞ୍ଚାୟତ ସମିତିର ସାଧାରଣ ବୈଠକ**


ସମିତି ବୈଠକରେ ଉପସ୍ଥିତ ବିଡିଓ ଓ ଅନ୍ୟମାନେ।

ବିରିଡ଼ି ପଞ୍ଚାୟତ ସମିତି ବୈଠକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପଦ୍ମଲାଭ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ବିଡିଓ ହେମନ୍ତ କୁମାର ମହାନ୍ତ, ଏବିଡିଓ ସନ୍ତୋଷ କୁମାର ଶତପଥୀ, ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସେଠୀଙ୍କ ସହ ବ୍ଲକ ଅଧୀନ ୨୧ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବତୀମିରା ସମିତିସଭ୍ୟ ଗୋପବନ୍ଧୁ ସ୍ୱାଇଁ କହିଥିଲେ, ଟୋକନ୍‌ଧାରୀ ମାସେ ଭିତରେ ଧାନ ନ ଦେଲେ ଟୋକନ ରଦ୍ଦ ହେବ। ବର୍ତ୍ତମାନ ମିଲର ଆସୁ ନ ଥିବାରୁ ଟୋକନଧାରୀ ଧାନ ଦେଇ ନ ପାରି ହତାଶ ହେଉଛନ୍ତି। ବ୍ଲକ ଏମ୍‌ଆଇ ମୋତିରାମ ଦାସ କହିଲେ, କୌଣସି ଅସୁବିଧା ହେବନାହିଁ। ମାର୍ଚ୍ଚ ୩୦ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନ ଉଠିବ। ସମିତିସଭ୍ୟ ଅମୂଲ୍ୟ ମହାନ୍ତି ଆମ ଗାଁ ଆମ ବିକାଶ ଯୋଜନାରେ କାର୍ଯ୍ୟ ସରିଥିଲେ ସୁଦ୍ଧା ଟଙ୍କା ମିଳୁନାହିଁ କହିବାରୁ ଏହାର ବ୍ୟବସ୍ଥା କରାଯାଉଛି ବୋଲି ବିଡିଓ କହିଥିଲେ। ଆଇସିଡିଏସ୍ ଯୋଜନାରେ ବ୍ଲକରେ ୧୭୦ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୧୫୯ କେନ୍ଦ୍ର ପାଇଁ ଟଙ୍କା ଆସିଛି। ୭୫ କେନ୍ଦ୍ର ଗୃହ ଶେଷ ହୋଇଛି। ୨୪ ଅଧାପନ୍ତରିଆ ଓ ୨୬ କେନ୍ଦ୍ରର ଗୃହ ଆରମ୍ଭ ହୋଇନି। ସେଥିରୁ ୧୮ କେନ୍ଦ୍ର ଭଡ଼ା ଘରେ ଚାଲିଛି ବୋଲି ସିଡିପିଓ ଗୌରୀ ଦେଈ କହିଥିଲେ। ଶିକ୍ଷା ବିଭାଗର ଏବିଇଓ ବିଜୟ ଦ୍ୱିବେଦୀ କହିଲେ, ବ୍ଲକର ୯ ପ୍ରାଥମିକ ବିଦ୍ୟାଳୟରେ ପିଲା ନ ଥିବାରୁ ପାଖ ସ୍କୁଲରେ ମିଶ୍ରଣ ହେବ ବୋଲି ସ୍ଥିର ହୋଇଛି। ସରପଞ୍ଚ ଚନ୍ଦ୍ରଶେଖର ଦାସ କହିଥିଲେ, ବର୍ତ୍ତମାନ ସେ ସ୍କୁଲ ମଧ୍ୟରୁ ୪୦ରୁ ଅଧିକା ପିଲା ପାଠ ପଢୁଛନ୍ତି। କିପରି ସ୍କୁଲକୁ ଭାଙ୍ଗି ଦିଆଯିବ ପଚାରିଥିଲେ। ସେହିପରି ବିଦ୍ୟୁତ୍ ବିଭାଗ ମନମୁଖି କାର୍ଯ୍ୟ ଚଳାଇଛି। ଭଙ୍ଗାଖୁଣ୍ଟ ଓହଳିଥିବା ତା'ର ଓ ବିଦ୍ୟୁତ୍ କାଟ ସହ ଉପଭୋକ୍ତାଙ୍କ ଲାଇନ୍ କାଟ ଓ ବିଲ୍ ଆଦାୟ ଉପରେ ଗୁରୁତ୍ୱ ଦେଉଛନ୍ତି। ଫଳରେ ଉପଭୋକ୍ତା ହଇରାଣ ହେଉଛନ୍ତି ବୋଲି ସଦସ୍ୟମାନେ କନିଷ୍ଠଯନ୍ତ୍ରୀ ମନୋଜ ନାୟକଙ୍କୁ ପ୍ରଶ୍ନ କରିଥିଲେ। ଗୃହକାର୍ଯ୍ୟ ସରିବା ପରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ବ୍ଲକରେ ପହଞ୍ଚିଥିଲେ। କେତେଜଣ ବିଜେଡି କର୍ମୀ ପହଞ୍ଚି ପାଚିଲୁଣ୍ଡ କରିଥିଲେ।

## ଦାଦା ବଟି ମାଗି ଜଣେ ଗିରଫ

**ଜଗତ୍‌ସିଂହପୁର ଅଫିସ, ୧୭।୨**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଆଳିପିଙ୍ଗଳର ହୋଟେଲ ମାଲିକ ସଞ୍ଜୟ କୁମାର ଜେନାଙ୍କୁ ତର୍କଣୀର ଶଙ୍କର ପାଇକରାୟ ଓରଫ କାଳିଆ ଦାଦାବଟି ମାଗିଥିଲେ। ହୋଟେଲ ମାଲିକ ସଞ୍ଜୟ ଟଙ୍କା ନ ଦେବାରୁ ତାଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସଞ୍ଜୟଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୭୮/୨୧ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କାଳିଆଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ଏଥିସହ ପୋଲିସ ତାଙ୍କ ନିକଟରୁ ଏକ କଟୁରି ଜବତ କରିଛି। ଅଭିଯୋଗପତ୍ରରେ ସଞ୍ଜୟ ଉଲ୍ଲେଖ କରିଛନ୍ତି, ସେ ଗୋରଖନାଥ ଟ୍ରଷ୍ଟର ଅଧ୍ୟକ୍ଷ ଅଛନ୍ତି। ଅସହାୟ ଲୋକ ଓ ପଥଚାରୀଙ୍କୁ ଖାଦ୍ୟ ଦେବାକୁ ହୋଟେଲ କରିଛନ୍ତି। ହୋଟେଲ ହେବା ଦିନଠାରୁ ବିଭିନ୍ନ ସମୟରେ କାଳିଆ ଧମକଚମକ ଦେଇ ଟଙ୍କା ନେଉଥିଲେ। ଗତ ୧୬ ତାରିଖ ସନ୍ଧ୍ୟାରେ ହଠାତ୍ ଏକ ଧାରୁଆ ଅସ୍ତ୍ର ଧରି ହୋଟେଲ ଭିତରେ ପଶି ଗାଳି କରିବା ସହ ୫ ହଜାର ଟଙ୍କା ଦାବି କରିଥିଲେ। ଭୟରେ ସେ ୫୦୦ ଟଙ୍କା ଦେଇଥିଲେ। କିଛି ସମୟ ପରେ ପୁଣି ପହଞ୍ଚି ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ହାଣିଦେବେ ବୋଲି ଧମକ ଦେଇ ଆକ୍ରମଣ ଉଦ୍ୟମ କରିଥିଲେ। ସୌଭାଗ୍ୟବଶତଃ ଚୋଟ ମୁଣ୍ଡ ବଦଳରେ ଫ୍ୟାନ୍‌ରେ ବାଜିବାରୁ ବର୍ତ୍ତିଯାଇଛି ବୋଲି ସେ ଅଭିଯୋଗରେ ଦର୍ଶାଯାଇଛନ୍ତି।

## ଗୋଚର ଜମିରେ ଜଳାଶୟ ନିର୍ମାଣକୁ ବିରୋଧ



**କେନ୍ଦ୍ରାପଡ଼ା ଅଫିସ, ୧୭।୨**

ସରକାରୀ ଜମି ଜବରଦଖଲ ସମସ୍ୟା କେନ୍ଦ୍ରାପଡ଼ା ଜିଲାରେ ବଢ଼ିବାରେ ଲାଗିଛି। ପୂର୍ବରୁ ଜଙ୍ଗଲ ଜମି ହଡପ ହେଉଥିବା ବେଳେ ଏବେ ସରକାରୀ ଟଙ୍କାରେ ସରକାରୀ ଜମିକୁ ଜବରଦଖଲ କରାଯାଉଛି। ରାଜକନିକା ତହସିଲ ଦେଉଳସାହି ମୌଜାରେ ଏକ ଗୋଚର ଜମିକୁ ଜଳାଶୟରେ ଜୋରଜବରଦସ୍ତି ପରିଣତ କରାଯାଉଛି। ଏପରି ଅଭିଯୋଗ ଆଣି ଦେଉଳସାହିର ଗ୍ରାମବାସୀ ଉପଜିଲାପାଳଙ୍କୁ ବୁଧବାର ଭେଟିଛନ୍ତି। ତୁରନ୍ତ କାର୍ଯ୍ୟ ବନ୍ଦ ସହ ଏହି ପ୍ରକଳ୍ପକୁ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମର ସୁଶାନ୍ତ କୁମାର ନାୟକ କହିଛନ୍ତି, ଜଳାଶୟ ହେଉଥିବା ଗୋଚର ଜମିର ଆୟତନ ୧୭ ଏକରରୁ ଉର୍ଦ୍ଧ୍ୱ। ସ୍ଥାନୀୟ ରାଜସ୍ୱ ସହ ନିକଟସ୍ଥ ଗ୍ରାମର ଗୋରୁଙ୍କର ଏହି ଚରାଭୂଇଁକୁ ଜଳାଶୟରେ ପରିଣତ କଲେ ଗୋସମ୍ପଦ ଉପରେ ପ୍ରଭାବ ପଡିବ। ଏହି ଗୋଚର ସଂଲଗ୍ନ ସ୍ଥାନୀୟ ଗ୍ରାମବାସୀଙ୍କ ନିଜସ୍ୱ ପ୍ଲଟ ଅଛି। ଜଳାଶୟର ଆକାର ଧାରଣ ପରେ ଗୋସମ୍ପଦଙ୍କ ଚାରଣ ଭୂଇଁ ଅଭାବରୁ ବ୍ୟକ୍ତିଗତ ଜମି କ୍ଷତିଗ୍ରସ୍ତ ହେବ। ଏଥିପାଇଁ ଜିଲା ପ୍ରଶାସନର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ସ୍ୱାଇଁ କହିଛନ୍ତି, ଅଭିଯୋଗପତ୍ର ମିଳିଛି। ଏହାର ତଦନ୍ତ ପାଇଁ ସମ୍ପୃକ୍ତ ତହସିଲଦାରଙ୍କୁ ଚିଠି ହୋଇଛି।

# ବେଆଇନ ମୋରମ ଖନନ, ତଦନ୍ତ କଲେ ଉପଜିଲାପାଳ

**ଚଣ୍ଡିଖୋଲ,୧୭।୨(ଡି.ଏନ.ଏ.)**

ଦର୍ପଣ ତହସିଲ ଅଧୀନରେ ଥିବା ବିଭିନ୍ନ ପାହାଡ଼, ଖାଦାନରେ ବେଆଇନ ମୋରମ ଚାଲାଣ କରାଯାଉଛି। କୌଣସି ସ୍ଥାନରେ ଲିଜ୍ ଦିଆଯାଇ ନ ଥିଲା ବେଳେ ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବେଆଇନ ଖାଦାନ କରାଯାଇ ଦୈନିକ ଶହଶହ ଟ୍ରିପ ମୋରମ ଚାଲାଣ ହେଉଛି। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଯାଜପୁର ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ର ବୁଧବାର ଦର୍ପଣ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବେଆଇନ ମୋରମ ଚାଲାଣରେ ରୋକ୍ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଦର୍ପଣ ତହସିଲ ଅନ୍ତର୍ଗତ ବାଘୁଆ ନିକଟରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନ (ଜୋରାବାଟି) ଓ କୋଲସାହି ଜମିରେ ବିନା ଲିଜ୍‌ରେ ମୋରମ ଉଠାଯାଇ ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଥିବା ଏକ ଘରୋଇ କମ୍ପାନୀଙ୍କୁ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏଥିରେ ମାଫିଆ ମାଲାମାଲ ହେଉଥିଲା ବେଳେ ସରକାରଙ୍କ ଲକ୍ଷାଧିକ ଟଙ୍କାର ରଜସ୍ୱ କ୍ଷତି ଘଟୁଛି। ଦର୍ପଣ ତହସିଲ ଅଞ୍ଚଳରେ ୪ଟି ଖାଦାନ ନିଲାମ ଦିଆଯାଇଥିବା ବେଳେ ଏ ପର୍ଯ୍ୟନ୍ତ ପରିବେଶ ମଞ୍ଜୁର ମିଳି ନ ଥିବାରୁ ମୋରମ ଉତ୍ତୋଳନ ହୋଇପାରୁନାହିଁ। ହାଇୱା ଯୋଗେ ବ୍ଲକ୍ ପଛପଟ ଧାନମଣ୍ଡଳ ରାସ୍ତା ଦେଇ ଚୋରା ମୋରମ ଯାଉଥିବା ଅଭିଯୋଗ ହୋଇଛି। ତେବେ ଏ ନେଇ ଜିଲାସ୍ତରରେ ଆଲୋଚନା କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## କ୍ରିକେଟ୍ ଟୁର୍ନାମେଣ୍ଟ: ଗ୍ରୀନ୍‌ସ ଏକାଡେମୀ ଚାମ୍ପିୟନ

**ଡେରାବିଶ, ୧୭।୨(ସ୍ୱ.ପ୍ର.)**

ଡେରାବିଶ କ୍ରିକେଟ୍ ଆସୋସିଏଶନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଜ୍ୟୋତି ପ୍ରକାଶ ରାଜେନ୍ଦ୍ର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଗୋଲରାହାଟ ପଞ୍ଚାୟତ ମିନି ଷ୍ଟାଡିୟମ୍‌ଠାରେ ବୁଧବାର ଶେଷ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ଭୁବନେଶ୍ୱରର ଗ୍ରୀନ୍‌ସ କ୍ରିକେଟ ଏକାଡେମୀ ଓ କେନ୍ଦ୍ରାପଡ଼ାର ବାଲାବାବା କ୍ରିକେଟ ଟିମ୍ ପରସ୍ପରକୁ ଭେଟିଥିଲେ। ଗ୍ରୀନ୍‌ସ କ୍ରିକେଟ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୨୮ଓଭରରେ ୮ ଉଇକେଟ୍ ହରାଇ ୨୨୩ ରନ୍ କରିଥିଲା। ବାଲାବାବା କ୍ରିକେଟ କ୍ଲବ ୨୮ ଓଭରରେ ୨୧୪ ରନ୍ କରି ପରାସ୍ତ ହୋଇଥିଲା। ଅମ୍ପାୟର ଭାବେ ପ୍ରକାଶ ଦୁବେ ଓ ଦୀପ୍ତି ପ୍ରକାଶ ପ୍ରଧାନ ପରିଚାଳନା କରିଥିଲେ। ପ୍ରକାଶ ନାୟକ ଖେଳର ଶୁଭାରମ୍ଭ କରିଥିଲେ। କ୍ରୀଡ଼ାବିତ୍ ଜାକିର ହୁସେନ୍‌ଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଭ୍ୟ ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ୍, ଦେବାଶିଷ ଆଚାର୍ଯ୍ୟ, ଶଶାଙ୍କ ଶେଖର ପରିଡ଼ା, ରାଜୀବ ମହାନ୍ତି, ମନୋରମା ସାହୁ, ଶୈଳବାଳା ପଲେଇ ଯୋଗ ଦେଇଥିଲେ। ସେମାନେ ଗ୍ରୀନ୍‌ସ କ୍ରିକେଟ୍ ଏକାଡେମୀକୁ ଚାମ୍ପିୟନ ଓ ବାଲାବାବା କ୍ରିକେଟ କ୍ଲବକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ।


ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ବନ୍ଦ ହେବା ଅବସ୍ଥାରେ ମତ୍ସ୍ୟଶିଳ୍ପ

**ପାରାଦୀପ, ୧୭।୨(ସ୍ୱ.ପ୍ର.)**

**ବଜେଟରେ ମାଛଧରା ବନ୍ଦରକୁ ଉନ୍ନତୀକରଣ ପ୍ରସ୍ତାବ**


ପାରାଦୀପ ମାଛଧରା ବନ୍ଦରରେ ମାଛ ବିକ୍ରି ଚାଲିଛି।

- ୩୦ ଲକ୍ଷ ପରିବାରଙ୍କ ବୋଝ ବୋହିବେ ସରକାର
- ପାରାଦୀପ ମାଛଧରା ବନ୍ଦର

ପାରାଦୀପ ସମେତ ଦେଶର ୫ ମାଛଧରା ବନ୍ଦରକୁ ଉନ୍ନତୀକରଣ କରିବାକୁ ଚଳିତ ଆର୍ଥିକ ବର୍ଷ ବଜେଟରେ ୧୨୨୦.୮୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଘୋଷଣା କରିଥିଲେ। ଏହି ଘୋଷଣାରେ ପାରାଦୀପର ନାମ ନେଇଥିବାରୁ ମତ୍ସ୍ୟଶିଳ୍ପ ସହ ଜଡିତ ପ୍ରାୟ ୫୦ ହଜାରରୁ ଅଧିକ ଲୋକ ଆଶାବାଦୀ ହୋଇଛନ୍ତି। କିନ୍ତୁ ପ୍ରଚଳିତ ବ୍ୟବସ୍ଥାକୁ ନେଇ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି ବୋଲି ସେମାନେ କହିଛନ୍ତି। କାରଣ ଏବେ ବିଭିନ୍ନ ପ୍ରତିକୂଳ ଘଟଣା ଯୋଗୁ ମାଛଧରା ବନ୍ଦର ବନ୍ଦ ଅଭିମୁଖେ ଗତି କରୁଛି ବୋଲି ଅଭିଯୋଗ ହେଉଛି।

ଚଳିତ ବଜେଟରେ ଯେଉଁ ୫ଟି ମାଛଧରା ବନ୍ଦର ପାଇଁ ୧୨୨୦.୮୪ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି, ସେଗୁଡିକ ହେଲା କୋଚି, ଚେନ୍ନାଇ, ବିଶାଖାପାଟଣା, ପାରାଦୀପ ଓ ପେଟୁଆଘାଟ। ୨୦୧୯-୨୦ ଆର୍ଥିକ ବର୍ଷରେ ସମୁଦ୍ରରୁ ୧୪୨ ଲକ୍ଷ ଟନ ମାଛ ଉତ୍ପାଦନ ହୋଇଛି ବୋଲି ବଜେଟରେ ଦର୍ଶାଯାଇଛି। ପ୍ରସ୍ତାବିତ ୫ଟି ମାଛଧରା ବନ୍ଦରରେ ମାଛ ବିକ୍ରୟ ପାଇଁ ଆଧୁନିକ ବ୍ୟବସ୍ଥା, ବର୍ଥର ବ୍ୟବସ୍ଥା, ଶୀତଳଭଣ୍ଡାର, ନଦୀ ମୁହାଣଗୁଡ଼ିକର ଖନନ ଆଦି ରହିଛି। କିନ୍ତୁ ମତ୍ସ୍ୟଜୀବୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ନୀତି କରାଯାଇ ନାହିଁ ବୋଲି ଓମ୍ପା (ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)ର ସଭାପତି ସୁମନ୍ତ କୁମାର ବିଶ୍ୱାଳ କହିଛନ୍ତି। ତାଙ୍କର ମତ ହେଲା, ପାରାଦୀପ ମାଛଧରା ବନ୍ଦରରେ ଥିବା ୬୫୦ରୁ ଉର୍ଦ୍ଧ୍ୱ ମାଛଧରା ଟ୍ରଲର ଓ ୨୦୦ରୁ ଅଧିକ ଡଙ୍ଗା ମଧ୍ୟରୁ ଏବେ ୩୦ ପ୍ରତିଶତ ମାଛ ଧରିବା ପାଇଁ ଯାଉଛନ୍ତି। ଅବଶିଷ୍ଟ ଦୀର୍ଘଦିନ ହେଲା ବନ୍ଦ ରହିଛି। କାରଣ ସମୁଦ୍ରରେ ମାଛ ଉତ୍ପାଦନ କମିବାରେ ଲାଗିଛି। ଯେଉଁ କେତେଟି ଟ୍ରଲର-ଡଙ୍ଗାରୁ ମାଛ ଆସୁଛି, ତାକୁ ବିକ୍ରି ପାଇଁ ଖୋଲା ବଜାର ନାହିଁ। ମାଛର ମୂଲ୍ୟ ହ୍ରାସ ପାଇଛି। ତେଲଦର ଅହେତୁକ ଭାବେ ବଢ଼ିଚାଲିଛି। ଗୋଟିଏ ଉଦାହରଣ ହେଲା, ପାରାଦୀପର ମାଛ ବିଶାଖାପାଟଣା ବନ୍ଦର ବାଟ ଦେଇ ବିଦେଶକୁ ରପ୍ତାନି କରାଯାଉଛି। ମାଛ ଧରିବା ପାଇଁ ସାମୁଦ୍ରିକ କଟକଣା ୭ ମାସ ରହୁଛି। ଏହି ମତ୍ସ୍ୟଶିଳ୍ପରେ ଦେଶର ୩୦ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ନିର୍ଭରଶୀଳ। ସେମାନଙ୍କ ପାଇଁ ତୈଳ ମୂଲ୍ୟରେ ଲଗା ଯାଉଥିବା ଏକ୍ସସାଇଜ୍ ଡ୍ୟୁଟିକୁ ହ୍ରାସ କରିବାକୁ ରାଜ୍ୟ ଓ ଦେଶର ବୃହତ୍ ସଂଘ ୧୦ ବର୍ଷ ହେଲା ଦାବି କରିଆସୁଛି। ତାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ସେଥିପାଇଁ ମାଛ ଧରିବାକୁ ଆଉ ଟ୍ରଲର ମାଲିକମାନେ ଚାହୁଁ ନାହାନ୍ତି। ଏହି ବ୍ୟବସ୍ଥା ଲାଗି ରହିଲେ ଆଉ କିଛି ବର୍ଷ ମଧ୍ୟରେ ମତ୍ସ୍ୟଶିଳ୍ପ ବନ୍ଦ ହୋଇଯିବାର ସମ୍ଭାବନା ଅଛି। ଯଦି ସେମିତି ହୁଏ, ସେତେବେଳେ ୩୦ ଲକ୍ଷ ପରିବାରଙ୍କ ବୋଝ ସରକାରଙ୍କ ଉପରେ ପଡିବ ବୋଲି ବିଶ୍ୱାଳ କହିଛନ୍ତି।

## ତହସିଲ ପକ୍ଷରୁ ଚଢ଼ାଉ, ୭ କ୍ରଶର ସିଲ

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅଧୀନ ଜାବରା ମୌଜାରେ ବୁଧବାର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଭାବେ ଚାଲିଥିବା ୭ କ୍ରଶରକୁ ସିଲ କରାଯାଇଛି। ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ, ଆର୍‌ଆଇ ବିରଞ୍ଚି ବୋଇତେଇ, ରଞ୍ଜନ ବିଶ୍ୱାଳ, ଏଆର୍‌ଆଇ ଜଗବନ୍ଧୁ ଜେନା ପ୍ରମୁଖ ଚଢ଼ାଉରେ ସାମିଲ ହୋଇ କାଗଜପତ୍ର ଯାଞ୍ଚ କରିବା ସହିତ ବେଆଇନ କ୍ରଶରଗୁଡ଼ିକୁ ସିଲ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଡିସେମ୍ବରରେ ଚଢ଼ାଉ କରାଯାଇ କେତେକ କ୍ରଶରକୁ ସିଲ କରାଯାଇଥିଲା।

## ଆଜି କ'ଣ କେଉଁଠି

**ଧର୍ମଶାଳା**
- କେଡିଏମ ପକ୍ଷରୁ ବିଜୁ ପ୍ରିମିୟର ଲିଗର ୨ ମ୍ୟାଚ୍, ସ୍ଥାନ: କଳ୍ପତରୁ ଦାସ ଷ୍ଟାଡିୟମ, ଜାରକା, ସମୟ ଦିବା ୧୦ ଘଟିକା ଓ ଅପରାହ୍ନ ୧ଟା।

**ମହାକାଳପଡ଼ା**
- ସ୍ୱାମୀ ବିବେକାନନ୍ଦ କ୍ଲବ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା, ହରିଆବାଙ୍କ, ମହାକାଳପଡ଼ା, କେନ୍ଦ୍ରାପଡ଼ା, ପୂର୍ବାହ୍ନ ୯ଟା

## ସଂକ୍ଷେପରେ

### ପୁରୀ ଜିଲାପାଳଙ୍କୁ ସମ୍ବର୍ଦ୍ଧନା

**ରାଜକନିକା,୧୭।୨(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲାର କାରଗିଲ ସହିଦ ସଚ୍ଚିଦାନନ୍ଦ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ କେନ୍ଦ୍ରାପଡ଼ା ଜିଲାପାଳ ଥିବା ବେଳେ ଏମ୍‌ପି ଅନୁଭବ ମହାନ୍ତିଙ୍କ ହାତପାଣ୍ଠିରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ କଣ୍ଡିଆ ସହିଦଙ୍କ ସ୍ମୃତିସ୍ତମ୍ଭ ନିର୍ମିତ ହୋଇଛି। କମିଟି ସଭାପତି ଶିବରାମ ଦାସଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଜିଲାପାଳଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଉପାୟନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରତିନିଧି ଦଳରେ ଶ୍ରୀନିବାସ ପ୍ରଧାନ, କବି ଲୋକନାଥ ସାମଲ, ନିତ୍ୟାନନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଗୋଦାମ କାନ୍ଥଭାଙ୍ଗି ଚୋରି

**ଖଣ୍ଡପଡ଼ା,୧୭।୨(ସ୍ୱ.ପ୍ର):** ଖଣ୍ଡପଡ଼ା ଥାନା ଅଧୀନ ପାଇକ ଢୋଲମରା ଗ୍ରାମର ବ୍ୟବସାୟୀ ମାନସ ରଞ୍ଜନ ସାହୁଙ୍କ ଦୋକାନ ଗୃହର କାନ୍ଥ ଭାଙ୍ଗି ଦୁର୍ବୃତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ବହୁ ମୂଲ୍ୟବାନ ସାମଗ୍ରୀ ସମେତ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ସାହୁ କୋସକା ପୋଲିସ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତ ରାତିରେ ଏକ ଶାବଳରେ ଗୋଦାମର ପଛପାଖ କାନ୍ଥ ଖୋଲି ଚୋରି କରିଥିବା ଜଣାପଡ଼ିଛି।

### ସଚେତନ କରୁଛି କୃଷି ରଥ

**ନୟାଗଡ଼ ଅଫିସ,୧୭।୨:** ବଳରାମ, କାଳିଆ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମେତ ବିଭିନ୍ନ ପ୍ରକାରର କୃଷି ଯୋଜନାର ସଚେତନତା ପାଇଁ ୨ଟି କୃଷି ରଥ ବୁଧବାର ଠାରୁ ନୟାଗଡ଼ ଜିଲାରେ ପରିକ୍ରମା ଆରମ୍ଭ କରିଛି। ରଥଦ୍ୱୟକୁ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ପୋମା ଟୁଡୁ ଓ ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ ପ୍ରଧାନ ଉପସ୍ଥିତ ଥିଲେ। ପ୍ରତି ବ୍ଲକରେ କୃଷି ରଥ ୬ ଦିନ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ରଥଦ୍ୱୟ ନୟାଗଡ଼ ଏବଂ ଓଡ଼ଗାଁ ବ୍ଲକରେ ପରିକ୍ରମା କରିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି।

### ୫୪ ଦୋକାନ ଘର ଆବଣ୍ଟନ

**ନୟାଗଡ଼ ଅଫିସ,୧୭।୨:** ନୟାଗଡ଼ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷରେ ଧର୍ମଗୁଳା ମାଧ୍ୟମରେ ୫୪ ଦୋକାନ ଘର ବୁଧବାର ଆବଣ୍ଟନ ହୋଇଛି। ଦୋକାନ ଘର ନୂଆ ବସଷ୍ଟାଣ୍ଡରେ ପୌରପରିଷଦ ତରଫରୁ ପିପିପି ମୋଡରେ ନିର୍ମାଣ ହୋଇଥିଲା। ଏପ୍ରିଲରେ ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହେବା କାର୍ଯ୍ୟକ୍ରମ ରହିଛି। ଯାତ୍ରୀଙ୍କ ସୁବିଧା ପାଇଁ ଦୋକାନ ଆବଣ୍ଟନ କରାଯାଇଛି ବୋଲି ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନା କହିଛନ୍ତି।

# ପ୍ୟାକ୍ସ ବଦଳରେ ମିଲ୍‌ରେ ଧାନ କିଣା

- ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା
- ୧୦୦ ଟଙ୍କାରେ ବିକ୍ରି ହେଉଛି ଟୋକନ
- ଚାଷୀଙ୍କୁ ମିଳୁନାହିଁ ଓଜନ ଚିଠା
- ପ୍ରତିବାଦ କଲେ ଧାନ ଫେରାଇ ନେବାକୁ ଧମକ

**ଯାଜପୁର ଅଫିସ,୧୭।୨**

ଚାଷୀ ଯେପରି ସୁବିଧାରେ ଧାନ ବିକ୍ରି କରି ପାରିବେ ସେଥିପାଇଁ ସରକାର ଖାଦ୍ୟ ଓ ସଂଗ୍ରହ ନୀତି ଘୋଷଣା କରିଛନ୍ତି। କିନ୍ତୁ ଯାଜପୁର ଜିଲାର ଚାଷୀ ସରକାରଙ୍କ ଏହି ନୀତିର ସୁବିଧା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ପ୍ରାଥମିକ କୃଷି ସେବା ସମବାୟ ସମିତି(ପ୍ୟାକ୍ସ)ରେ ଧାନ ସଂଗ୍ରହ କରିବା ପରିବର୍ତ୍ତେ ଚାଷୀଙ୍କ ଧାନ ସିଧାସଳଖ ମିଲକୁ ଯାଉଥିବା ଦେଖିବାକୁ ମିଳିଛି। ଏଥିରେ ଚାଷୀଙ୍କ କୁଇଣ୍ଟାଲ ପିଛା ପ୍ରାୟ ୫ କେଜି କଟନିଛଟନି କରାଯାଉଥିବାବେଳେ ଓଜନ ଚିଠା ଦିଆଯାଉ ନାହିଁ। ଧାନ ଉଠାଣରେ ବିଳମ୍ବ ହେଉଥିବାରୁ ଚାଷୀ ଟ୍ରାକ୍ଟର ଭଡ଼ା ବାବଦରେ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି।

ଚଳିତ ୨୦୨୦-୨୧ ଖରିଫ ଧାନ ସଂଗ୍ରହ ବର୍ଷରେ ଏକର ପିଛା ୨୦ କୁଇଣ୍ଟାଲ ଅନୁଯାୟୀ ଯାଜପୁର ଜିଲାର ୧୦,୫୩,୭୦୦ କୁଇଣ୍ଟାଲ ଧାନ କିଣିବାକୁ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜିଲାର ୧୨୨ ପ୍ୟାକ୍ସ ଓ ୨୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଜରିଆରେ ବୁଧବାର ସୁଦ୍ଧା ୯,୪୬,୮୧୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇସାରିଛି। ତେବେ ୪୪,୩୫୯ ପଞ୍ଜିକୃତ ଚାଷୀମାନଙ୍କ ମଧ୍ୟରୁ ମାତ୍ର ୨୦,୦୨୪ ଚାଷୀ ଧାନ ବିକ୍ରି କରିଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଚାଷୀମାନେ ସେମାନଙ୍କ ନିକଟତମ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି। କେବଳ ପଞ୍ଜିକୃତ ଚାଷୀମାନଙ୍କଠାରୁ ଉପରୋକ୍ତ ସୋସାଇଟିମାନଙ୍କ ମାଧ୍ୟମରେ ଧାନ କ୍ରୟ କରାଯିବ। ବିକ୍ରି ଧାନର ପ୍ରାପ୍ୟ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଜମାଖାତାକୁ ଅନଲାଇନ ଟ୍ରାନ୍ସଫର ହେବ ବୋଲି ସରକାର ଚାଷୀମାନଙ୍କୁ କହିଛନ୍ତି। କିନ୍ତୁ ଏହିସବୁ ନୀତିର ଯାଜପୁର ଜିଲାରେ ବ୍ୟତିକ୍ରମ ଦେଖାଦେଇଛି। ଏହାସହ ପ୍ୟାକ୍ସମାନଙ୍କରେ ସର୍ବନିମ୍ନ ଭିତ୍ତିଭୂମି ସୁବିଧା ଯଥା ଆବଶ୍ୟକ ଗୋଦାମ ସୁବିଧା, ପରିବହନ ପାଇଁ ରାସ୍ତା, ଓଜନ କରିବା ସୁବିଧା(ଉଭୟ ଯାନ୍ତ୍ରିକ ଓ ମାନୁଆଲ), ସାମ୍ପୁଲ ଡିଭାଇଡର, ଆନାଲେସିସ କିଟ୍ସ, ମୋଇସ୍ଟର ମିଟର, ଧାନ ସଫା ଯନ୍ତ୍ର, ପଲିଥିନ ବ୍ୟାଗ, ତାରପୋଲିନ, ପାନୀୟ ଜଳ, ଶୌଚାଳୟ ଇତ୍ୟାଦି ଯୋଗାଇ ଦେବାକୁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। କିନ୍ତୁ ଯାଜପୁର ଜିଲାରେ ଏହିସବୁ ଘୋଷଣାରେ ରହିଛି। କୋରେଇ ଅଞ୍ଚଳର ଜଣେ ଚାଷୀ କହିଛନ୍ତି କୋରେଇ ପ୍ୟାକ୍ସରେ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ହୋଇଛି। ଏକାଧିକ ନକଲି ଚାଷୀଙ୍କ ନାମ ଦର୍ଶାଇ ଧାନ ସଂଗ୍ରହ ହେଉଥିବା ନେଇ ସେ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରାଯାଇଥିଲା। ଏହାବାଦ କୋରେଇ ପ୍ୟାକ୍ସରେ ସରକାରଙ୍କ ନିର୍ଦ୍ଧାରିତ କୌଣସି ଭିତ୍ତିଭୂମି ନାହିଁ। ଚାଷୀମାନେ ନିଜେ ଧାନ ବିକ୍ରି ନ କରି ଟୋକନ ପିଛା ୧୦୦ ଟଙ୍କା ହିସାବରେ ଦଲାଲଙ୍କୁ ବିକ୍ରି କରୁଛନ୍ତି। ଏଥିରେ ପ୍ୟାକ୍ସ କର୍ତ୍ତୃପକ୍ଷ ମଧ୍ୟ ସହଯୋଗୀ ସାଜିଛନ୍ତି। ଫଳରେ ସରକାରଙ୍କ ନୀତି ଓ ଆଦର୍ଶ ଏଠାରେ ସମ୍ପୂର୍ଣ୍ଣ ଉଲ୍ଲଂଘନ ହୋଇଛି ବୋଲି ସେ କହିଛନ୍ତି।

ଧନେଶ୍ୱର ପ୍ୟାକ୍ସ ତଲୁରୀ ଗ୍ରାମର ଚାଷୀ ରାମଚନ୍ଦ୍ର ଶତପଥୀ ଓ ବିଚିତ୍ର ଶତପଥୀ କୁହନ୍ତିପ୍ୟାକ୍ସରେ ଧାନ ଆଦୌ କିଣାଯାଉ ନାହିଁ। ସିଧାସଳଖ ମିଲକୁ ନେବାକୁ ପ୍ୟାକ୍ସ କର୍ତ୍ତୃପକ୍ଷ ପ୍ରବର୍ତ୍ତାଉଛନ୍ତି। ସେଠାରେ ଧାନ କିଣାରେ ବ୍ୟାପକ ମନମାନି ଚାଲିଛି। ଗାଡ଼ି ସହ ଓଜନ କରାଗଲା ପରେ ଉପଯୁକ୍ତ ଚିଠା ପ୍ରଦାନ କରାଯାଉନାହିଁ। ଏହାବାଦ୍ ଓଜନ କରିବାକୁ ଗାଡ଼ି ପିଛା ୫୦ ଟଙ୍କା ବେଆଇନ ଭାବେ ଆଦାୟ କରାଯାଉଛି। ଧାନ ଉଠାଇବା ବିଳମ୍ବ ହେଲେ ଚାଷୀଙ୍କୁ ଗାଡ଼ି ଭଡ଼ା ବାବଦକୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହାକୁ ବିରୋଧ କଲେ ପ୍ୟାକ୍ସ କର୍ତ୍ତୃପକ୍ଷ ଧାନ ଫେରାଇ ନିଅ, ଏଠାରେ ବିକିବାର ଯଦି ଅଛି ତେବେ ସବୁ ମାନି ଚଳିବାକୁ ପଡ଼ିବ, ନ ହେଲେ ଅନ୍ୟ ମିଲକୁ ଯାଅ ବୋଲି କହୁଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଯୋଗାଣ ଅଧିକାରୀ ପ୍ରଭାକର ପାତ୍ରଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଏକାଧିକଥର ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ।

### ୨ ଚୋରା ବ୍ୟାଟେରି ଜବତ, ଯୁବକ ଗିରଫ

**ରସୁଲପୁର,୧୭।୨(ଡି.ଏନ.ଏ.)**

କୁଆଖିଆ ବଜାରର ଏସ୍‌କେ ଲଜ୍ଜ ସମ୍ମୁଖ ଦୁଇ ଗାଡ଼ିରୁ ୧୪ ତାରିଖ ରାତିରେ ଚୋରି ହୋଇଥିବା ୨ ବ୍ୟାଟେରିକୁ ପୋଲିସ ଜବତ କରିଛି। ଏଥିସହିତ ଚୋରି କରିଥିବା ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ବାହାଦଲାପୁର ପଞ୍ଚାୟତ ଗରିପୁର ଗ୍ରାମର ମଳୟ ନାୟକ(୨୦)। ମଳୟ ଓ ତାଙ୍କର ଜଣେ ସହଯୋଗୀ ଲଜ୍ଜ ସମ୍ମୁଖରେ ଥୁଆହୋଇଥିବା ଟାଟା ଏସିଇ ଓ ପାସେଞ୍ଜର ଅଟୋରୁ ବ୍ୟାଟେରି ଚୋରି କରିଥିଲେ। ଏନେଇ ଏହି ଥାନା ଚଣ୍ଡିପୁର ଗ୍ରାମର ପ୍ରମୋଦ ପରିଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ-୫୪।୨୧)ରୁଜୁ କରି ଲଜ୍‌ରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲା। ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ ଫେରାର ଅଛନ୍ତି। ପୋଲିସ ତାକୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି।

# ଖର୍ଚ୍ଚ ହୋଇପାରୁନାହିଁ ଉନ୍ନୟନ ଅର୍ଥ

**ଉନ୍ନୟନ କମିଟି ବୈଠକ**
- ଉଦ୍‌ବେଗ ପ୍ରକାଶ କଲେ ମନ୍ତ୍ରୀ
- କ୍ଷେତ୍ର ପରିଦର୍ଶନ ନ କରି ଅପଦସ୍ଥ

**ନୟାଗଡ଼ ଅଫିସ,୧୭।୨**


ଉନ୍ନୟନ କମିଟି ବୈଠକରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସୃଜନ କକ୍ଷରେ ନୟାଗଡ଼ ଉନ୍ନୟନ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ ଏଥିରେ ଯୋଗ ଦେଇ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ପୋମା ଟୁଡୁ, ଅତିରିକ୍ତ ଜିଲାପାଳ, ପିଡି ଡିଆରଡିଏ, ଉପଜିଲାପାଳ,ଏସ୍‌ପି ପ୍ରମୁଖ ସମୀକ୍ଷାରେ ଭାଗ ନେଇଥିଲେ। ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ ନ କରି ମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେବାବେଳେ ଧରାପଡ଼ି ଅପଦସ୍ଥ ହେବାର ଦେଖାଯାଇଥିଲା। ଏପରି କି କେତେଜଣ ଅଧିକାରୀ ଜିଲା ସଦର ମହକୁମାରେ ନ ରହି ଅଧିକାଂଶ କାର୍ଯ୍ୟ ଦିବସରେ ଅନୁପସ୍ଥିତ ରହୁଥିବା ଜଣାପଡ଼ିଥିଲା। ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁ ନ ଥିବାରୁ ଉନ୍ନୟନ ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହୁଛି ବୋଲି ମନ୍ତ୍ରୀ କହିଥିଲେ। କାମ କରିବାର ଆନ୍ତରିକତା ନ ଥିବାରୁ ଠିକ୍ ସମୟରେ ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ ହୋଇ ପାରୁନାହିଁ। ବିଭିନ୍ନ ବିଭାଗରେ ଓ ବ୍ଲକରେ ଏକାଧିକ ଯୋଜନାରେ ଟଙ୍କା ପଡ଼ି ରହୁଥିବାରୁ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ। ସମନ୍ୱୟ ଅଭାବରୁ ଉନ୍ନୟନ କାର୍ଯ୍ୟ ପଛେଇଯାଉଛି। ତେଣୁ ସମନ୍ୱୟ ରଖି ଟାଇମ ଲାଇନ ମଧ୍ୟରେ କାମ ଶେଷ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିନିଯୋଗ ପ୍ରମାଣପତ୍ର ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଦାଖଲ କରିବାକୁ ମନ୍ତ୍ରୀ ଜିଲାସ୍ତରୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

୫-ଟି ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଉଠାଜଳସେଚନ ବିଭାଗର ଅଚଳ ପ୍ରକଳ୍ପକୁ ସଚଳ କରିବା ଓ ଖରିଫ, ରବିଋତୁରେ ଚାଷ ପାଇଁ ଯେପରି ଜଳସେଚନର ସୁବିଧା ମିଳିପାରିବ ତା'ର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଧାନକିଣାରେ ଚାଷୀ ଯେପରି ହଇରାଣ ନ ହେବେ ଓ ପିଡିଏସ୍ ସାମଗ୍ରୀ ବଣ୍ଟନରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରିବାକୁ ମନ୍ତ୍ରୀ କହିଛନ୍ତି। କର୍କ ଚେକ୍‌ଡ୍ୟାମ ପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହି କାମ ଶୀଘ୍ର ଶେଷ ହେବା ଓ ମେଗା ପାଇପ୍ ଲାଇନ ଯୋଜନାରେ ୨୦୨୪ ସୁଦ୍ଧା ଜିଲାର ୮ଟି ବ୍ଲକର ସବୁ ଘରକୁ ପାଣି ଯୋଗାଇବାର କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସବୁ ଘରକୁ ପାନୀୟଜଳ ଯୋଗାଣ ପାଇଁ ନୟାଗଡ଼ ମ୍ୟୁନିସିପାଲିଟି ପାଇଁ ୫୯ କୋଟି ଓ ଓଡ଼ଗାଁ ଏନ୍‌ଏସି ପାଇଁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହି କାମ ଶୀଘ୍ର ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

### ୨ ପୋଖରୀରୁ କିଛି ମିଳିଲା ନାହିଁ

**ପିହୁ ନିଖୋଜ ଘଟଣା**

**ବିଞ୍ଝାରପୁର,୧୭।୨(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ପିହୁ ନିଖୋଜ ଘଟଣାରେ ପୋଲିସ ପିହୁଙ୍କ ନିରୁଦ୍ଦିଷ୍ଟ ପୋଷ୍ଟର ଲଗାଇବା ସହ ତାଙ୍କ ଘର ପାଖରେ ଥିବା ୨ ପୋଖରୀ ଶୁଖାଇ ସାରିଛି। ହେଲେ ପୋଖରୀରୁ ପିହୁଙ୍କ ସମ୍ପର୍କରେ କିଛି ତଥ୍ୟ ମିଳିନାହିଁ। ଫଳରେ ପୋଖରୀ ଶୁଖାଇ ପୋଲିସ ନିରାଶ ହୋଇଛି। ଏବେ ଅନ୍ୟଦିଗରେ ପୋଲିସ ତଦନ୍ତ ଚଳାଇଛି। ସୁନ୍ଦରପୁର ଗ୍ରାମର ଲକ୍ଷ୍ମଣ ନାୟକ ଓ ମୋନାଲିସା ନାୟକଙ୍କ ଅଢ଼େଇ ବର୍ଷର ଶିଶୁକନ୍ୟା ଶୁଭଲକ୍ଷ୍ମୀ ଓରଫ ପିହୁ ନିଖୋଜ ଘଟଣାକୁ ୬ମାସ ବିତି ସାରିଲାଣି। ହେଲେ ପୋଲିସର ହାତ ଖାଲି ପଡ଼ିଛି। ବିଞ୍ଝାରପୁର ଓ ଯାଜପୁର ପୋଲିସ ଘଟଣା ଉପରୁ ପରଦା ହଟାଇବା ପାଇଁ ଦିନରାତି ଏକ କରିଥିଲେ ମଧ୍ୟ ଏଯାଏ କୌଣସି ସୁରାକ ପାଇ ପାରୁନାହାନ୍ତି। ଫଳରେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏସ୍‌ପି ରାହୁଲ ପିଆର୍ ଜିଲାର ବଛାବଛା ପୋଲିସ ଅଧିକାରୀଙ୍କୁ ନେଇ ୫ଟି ଟିମ୍ ଗଠନକରି ବିଭିନ୍ନ ଦିଗକୁ ତନଖି କରୁଛନ୍ତି। ହେଲେ କିଛି ସୁରାକ୍ ପାଇ ପାରୁନାହାନ୍ତି। ପୋଲିସ ପୋଷ୍ଟର ଲଗାଇବା ସହ ପୋଖରୀ ଶୁଖାଇବା ଘଟଣାକୁ ନେଇ ପିହୁଙ୍କ ପରିବାର ସମେତ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଇଆଇସି ନିରଞ୍ଜନ ଶବର କହିଛନ୍ତି, ତଦନ୍ତ ପ୍ରକ୍ରିୟା ଅନୁଯାୟୀ ପୋଖରୀ ଶୁଖାଯାଇ ପିହୁଙ୍କୁ ଖୋଜା ଯାଇଥିଲା। ଏବେ ଅନ୍ୟ ଦିଗରେ ତଦନ୍ତ କରାଯାଉଛି।

### 'ଜ୍ଞାନ ପଟ୍ଟନାୟକ ଉପଯୁକ୍ତ ସହଧର୍ମିଣୀ ଭୂମିକା ନିଭାଇଥିଲେ'

**ଧର୍ମଶାଳା,୧୭।୨(ଡି.ଏନ.ଏ.)**



ଜ୍ଞାନଦେବୀଙ୍କ ଶ୍ରାଦ୍ଧୋତ୍ସବରେ ମଞ୍ଚାସୀନ ଅତିଥି।

ବିଜୁ ପଟ୍ଟନାୟକଙ୍କ ଧର୍ମପତ୍ନୀ ଜ୍ଞାନ ପଟ୍ଟନାୟକଙ୍କ ଦ୍ୱାଦଶ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଶ୍ରାଦ୍ଧୋତ୍ସବରେ ପୂର୍ବତନ ବିଧାୟକ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଜ୍ଞାନ ପଟ୍ଟନାୟକ ବିଜୁବାବୁଙ୍କ ଦୁର୍ଦ୍ଦିନ ସମୟରେ ଠିଆ ହୋଇ ତାଙ୍କୁ ଧୈର୍ଯ୍ୟ ଓ ସାହସ ଦେବା ସହିତ ଉପଯୁକ୍ତ ସହଧର୍ମିଣୀ ଭୂମିକା ନିଭାଇଥିଲେ। ସେ ବିଜୁବାବୁଙ୍କୁ କାୟ, ମନ, ବାକ୍ୟରେ ଭଲ ପାଇବା ସହ ସମ୍ମାନ କରୁଥିଲେ। ଲାବଣ୍ୟ ବିଜୁବାବୁଙ୍କ ସହିତ ୧୮ ବର୍ଷ ବୟସରେ ରାଜନୀତିରେ ଯୋଗଦେଇଥିବା ପ୍ରକାଶ କରିଥିଲେ। ଅନୁଷ୍ଠାନ ସଭାନେତ୍ରୀ ଶୈଳବାଳା ବେହେରାଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ଜ୍ଞାନଦେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ସମୂହ ଦୀପଦାନ କରାଯାଇଥିଲା। ଏଥିରେ ଶତାଧିକ ମହିଳା ସାମିଲ ହୋଇଥିଲେ। ଆଚାର୍ଯ୍ୟ ଅମରେଶ ରଥ ଗୀତା ପାଠ କରିଥିଲେ। ଉପସଭାନେତ୍ରୀ ପଦ୍ମିନୀ ମିଶ୍ର, କୁନିଲତା ବେହେରା, ସମ୍ପାଦିକା ପଦ୍ମିନୀ ମିଶ୍ର, ସହସମ୍ପାଦିକା ସୁମିତ୍ରା ବାରିକ ପ୍ରମୁଖ ମଞ୍ଚାସୀନ ହେବା ସହିତ ଜ୍ଞାନଦେବୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଯୁବ ସଂଗଠକ ରଣଜିତ ନାୟକ ଧନ୍ୟବାଦ ଦେଇଥିଲେ।

### ଧର୍ମୀୟ ପରମ୍ପରାର ପୁନରାବୃତ୍ତି

**ବରୀ,୧୭।୨(ଡି.ଏନ.ଏ.)**

ବସନ୍ତ ପଞ୍ଚମୀ ତିଥିରେ ବରୀ ବ୍ଲକ ବାଲିବିଲସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରେ ମଙ୍ଗଳବାର ଲୋକେ ପୂଜାର୍ଚ୍ଚନା କରୁଥିଲେ। ରାତିରେ ଏକ ନାଗ ମନ୍ଦିର ବେଢ଼ାକୁ ଆସି ଦୀର୍ଘ ଦିନ ସମୟ ଫେଣା ଟେକି ରହିଥିବା ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ବସନ୍ତ ପଞ୍ଚମୀ ଓ ଶିବରାତ୍ରୀରେ ସାପ ବାହାରିବା ଘଟଣା ପରମ୍ପରାରେ ପରିଣତ ହୋଇଛି। ପୂଜାର୍ଚ୍ଚନା ସମୟରେ ସାପ ବାହାରିବାକୁ ଅଲୌକିକ ଘଟଣା ବୋଲି ଲୋକେ ବିଶ୍ୱାସକୁ ନେଉଥିବା ପୀଠ ମୁଖ୍ୟପୂଜକ ଶ୍ରୀଧର ମିଶ୍ର ପ୍ରକାଶ କରିଛନ୍ତି। କିମ୍ବଦନ୍ତୀ ଅନୁଯାୟୀ ମନ୍ଦିର ପ୍ରତିଷ୍ଠା ସ୍ଥାନଟି ଉଇ ହୁଙ୍କା ଥିଲା। ଆବାହମାନ କାଳରୁ ଏଠାରେ ଶିବ ଲିଙ୍ଗ ପୂଜା ପାଇ ଆସୁଛନ୍ତି ବୋଲି ଗୋକୁଳାନନ୍ଦ ପତିଙ୍କ ସମେତ ଅନ୍ୟମାନେ କହିଛନ୍ତି।

### ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଉତ୍ପାଦନ କ୍ଷମତା ବୃଦ୍ଧି



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଗଦେଇଥିବା ବରିଷ୍ଠ ଅଧିକାରୀମାନେ।

**ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**

**କଳିଙ୍ଗନଗର,୧୭।୨(ଡି.ଏନ.ଏ.)**

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ, କଳିଙ୍ଗନଗର କାରଖାନା ଏହାର ଉତ୍ପାଦନ କ୍ଷମତାକୁ ବାର୍ଷିକ ୩.୨ ମିଲିୟନ ଟନ୍‌କୁ ବୃଦ୍ଧି କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାର୍ଚୁଆଲ ଭାବେ କାରଖାନା ପରିସରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଇଡ୍‌କୋ ଡିଭିଜନାଲ ଓ ଜିନ୍ଦଲ କମ୍ପାନୀର କାରଖାନା ମୁଖ୍ୟ ଆର୍.ଏସ୍. ବୈଦ୍ୟ, ଆବାସିକ ନିର୍ଦ୍ଦେଶକ ଶଶୀଭୂଷଣ ଉପାଧ୍ୟାୟ, ସିଆରଏମ୍ ମୁଖ୍ୟ ଦୀପକ ଅଗ୍ରୱାଲ, ମାନବସମ୍ବଳ ବିଭାଗ ମୁଖ୍ୟ ରାକେଶ ପାଠକ, ବର୍ଦ୍ଧିତ ପ୍ରକଳ୍ପ ମୁଖ୍ୟ ବିଶ୍ୱଜିତ୍ ତ୍ରିପାଠୀ, ଇଡ୍‌କୋ ଡିଭିଜନାଲ ମୁଖ୍ୟ ଏମ୍.ଭି.ଏସ୍. ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ଜିନ୍ଦଲ କମ୍ପାନୀ ଏହି ବର୍ଦ୍ଧିତ ଉତ୍ପାଦନ କ୍ଷମତା ପାଇଁ ୬୮୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରିବ। ଏଥିପାଇଁ ପ୍ରତ୍ୟକ୍ଷ ୨୫୦୦ ଓ ପରୋକ୍ଷ ଭାବେ ୪୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ଦେଶର ମୂଲ୍ୟଯୁକ୍ତ ଷ୍ଟେନଲେସ ଷ୍ଟିଲ ଉତ୍ପାଦର ଚାହିଦାକୁ ପୂରଣ କରିବ। ଅଞ୍ଚଳରେ ଡାଉନଷ୍ଟ୍ରିମ ଶିଳ୍ପ ପ୍ରତିଷ୍ଠା କରିବାରେ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଅରେହିକଣା କ୍ରିକେଟ କ୍ଲବ୍ ଚାମ୍ପିୟନ

**ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ**

**ରାଜନଗର,୧୭।୨(ଡି.ଏନ.ଏ.)**



ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ନଳଦିଆ ଗାଁରେ ଚାଲିଥିବା ୨୧ତମ ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ଫାଇନାଲ ମ୍ୟାଚରେ ରାଜଗଡ କ୍ରିକେଟ କ୍ଲବକୁ ୬୩ ରନରେ ହରାଇ ଅରେହିକଣା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ଅରେହିକଣା ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୮୮ ରନ କରିଥିଲା। ୧୮୯ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ରାଜଗଡ ୧୭.୨ ଓଭରରେ ୧୨୫ ରନ କରି ଅଲଆଉଟ ହୋଇଥିଲା। ଚିରିବ ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଚିକୁଙ୍କୁ ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଦଳକୁ ନଗଦ ୫ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସଅପ୍ ଦଳକୁ ନଗଦ ୩୫ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଆଳି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅର୍ଜୁନ ଚରଣ ବିଶ୍ୱାଳ, ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା,ଭଗବାନ ନାୟକ, ସମିତିସଭ୍ୟ ପାରେଶ୍ୱର ନାୟକ, ଶ୍ରୀକାନ୍ତ ପାତ୍ର, ମଙ୍ଗୁଳି ଚରଣ ମହାନ୍ତି ଓ ରାଧାଗୋବିନ୍ଦ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଉନ୍ନୟନ କାର୍ଯ୍ୟ ବିଳମ୍ବକୁ ନେଇ ଅସନ୍ତୋଷ

**ମାର୍ଶାଘାଇ ପଞ୍ଚାୟତ ସମିତି ବୈଠକ**

**ମାର୍ଶାଘାଇ,୧୭।୨(ଡି.ଏନ୍.ଏ.)**


ପଞ୍ଚାୟତ ସମିତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧି ଉପସ୍ଥିତ।

ଉନ୍ନୟନ କାର୍ଯ୍ୟ ବିଳମ୍ବକୁ ନେଇ ମାର୍ଶାଘାଇ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଗ୍ରୀଷ୍ମ ପ୍ରବାହ ପୂର୍ବରୁ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ବୁଧବାର ବ୍ଲକ ପରିସରରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷା ସୀତାଲତା ପରିଡ଼ା ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ବିଳମ୍ବ ନେଇ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଶିଶୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଥିବା ବେଳେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ କ୍ଷେତ୍ରରେ ଏହି ବ୍ଲକ୍ ଜିଲାର ସବୁଠାରୁ ପଛରେ ଅଛି ବୋଲି ସେ ପ୍ରକାଶ କରିଥିଲେ। ସେହିପରି ଖରାଦିନ ପାଇଁ ପାନୀୟ ଜଳ ଯୋଗାଣକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। କରିଲୋପାଟଣା ସମିତି ସଭ୍ୟ ଅନ୍ନଦା ପ୍ରସାଦ ତ୍ରିପାଠୀ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଠିକ୍ ତଦାରଖ ହେଉ ନ ଥିବା ଅଭିଯୋଗ କରିଥିଲେ। ରାୟଚାନ୍ଦ ଖେଳପଡ଼ିଆ ନିର୍ମାଣ ଓ ହନ୍ତପଡ଼ା ମଠସାହି ରାସ୍ତା ନିର୍ମାଣରେ ବିଳମ୍ବ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମଣିକୁଣ୍ଡା ସରପଞ୍ଚ ପ୍ରତାପ ରାଉତ କର୍ମନିଯୁକ୍ତି ଯୋଜନା ଅଧୀନ ପ୍ରକଳ୍ପରେ ମାଟି ଉଠାକୁ ତହସିଲଦାରଙ୍କ ବିରୋଧ ଓ ସ୍କୁଲ ମିଶ୍ରଣର ଅପକାରିତା ସମ୍ପର୍କରେ କ୍ଷୋଭ ପ୍ରକାଶ କରିଥିଲେ। ମାର୍ଶାଘାଇ ସମିତିସଭ୍ୟ ନିଗମ ପ୍ରସାଦ ରଥ ଗୋଚର ଜମିରେ କିପରି କ୍ଲବ ଘର ହେଉଛି ବୋଲି ପ୍ରଶ୍ନ କରିଥିଲେ। ଦୁମୁକା ସରପଞ୍ଚ ସତ୍ୟନାରାୟଣ ନାୟକ ଓ କରିଲୋପାଟଣା ସରପଞ୍ଚ ସୁକାନ୍ତ ସାହୁ ବିଭିନ୍ନ ମଣ୍ଡିରେ ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନ କିଣା ଯାଉ ନ ଥିବା ଅଭିଯୋଗ କରିଥିଲେ। ଜିଲା ପରିଷଦ ସଭ୍ୟା ସାଗରିକା ମଲ୍ଲିକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ ଅର୍ଥ ଆୟୋଗ ଅନୁଦାନ ବିନିଯୋଗରେ ବିଳମ୍ବ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମାର୍ଚ୍ଚ ସୁଦ୍ଧା ମଞ୍ଜୁରୀପ୍ରାପ୍ତ ନଳକୂପର ଖୋଳା ଶେଷ କରିବା ଓ ପାଇପ୍ ଲାଇନ୍‌ର ମରାମତି ସାରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅର୍ଥ ଆୟୋଗ ଅନୁଦାନ ବିନିଯୋଗ, ପାନୀୟଜଳ ଯୋଗାଣ, କୃଷି, କର୍ମ ନିଯୁକ୍ତି ଯୋଜନା, ଅଙ୍ଗନୱାଡ଼ି ଗୃହ ନିର୍ମାଣ, ଆଦର୍ଶ ବିଦ୍ୟାଳୟ ନିର୍ମାଣ, ଧାନମଣ୍ଡି ଅବ୍ୟବସ୍ଥା ଓ ଆବାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ବିଡିଓ ଶ୍ରୀଧର ବିଶ୍ୱାଳ, ଉପାଧ୍ୟକ୍ଷା ମମତା ପ୍ରଧାନ, ସହକାରୀ ଯନ୍ତ୍ରୀ ଭବାନୀଶଙ୍କର ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତ ସମିତିସଭ୍ୟ ଓ ସରପଞ୍ଚ ଯୋଗ ଦେଇଥିଲେ।

